# NATIONAL NEWS BULLETIN (ODIA)
## 2 January - 2025
## Evening Bulletin : 7.15 P.M.

**********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀ ଠାରେ ଆସନ୍ତାକାଲି ଏକାଧିକ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।
- କଏଦୀଙ୍କ ଜାତିଭିତ୍ତିକ ଭେଦଭାବ ପ୍ରସଙ୍ଗର ସମାଧାନ ଲକ୍ଷ୍ୟରେ ଜେଲ୍ ମାନୁଆଲ୍ ଏବଂ ନିୟମରେ ସଂଶୋଧନ କଲା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ।
- ଓଡ଼ିଶାର ରାଜ୍ୟପାଳ ଭାବେ ଆସନ୍ତାକାଲି ଶପଥ ନେବେ ଡକ୍ଟର ହରିବାବୁ କମ୍ଭମ୍‌ପତି ।
- ଜାତୀୟ କ୍ରୀଡ଼ା ପୁରସ୍କାର ଘୋଷିତ ।

– ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇଁ ୪ ଜଣ କ୍ରୀଡ଼ାବିତ୍ ଏବଂ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ୫ ଜଣ ପ୍ରଶିକ୍ଷକ ମନୋନୀତ ।

ଏବଂ

- ବର୍ଡ଼ର ଗାଭାସ୍କର ଟ୍ରଫି କ୍ରିକେଟ୍ ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ସିଡ୍‌ନୀ ଠାରେ ଆସନ୍ତାକାଲିଠାରୁ  ଖେଳାଯିବ ।

# ପିଏମ୍-ଦିଲ୍ଲୀ ପ୍ରୋଜେକ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ଏକାଧିକ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଜେ.ଜେ. କ୍ଲଷ୍ଟର୍ ବାସିନ୍ଦାଙ୍କ ପାଇଁ ପ୍ରାୟ ୧୭ ହଜାର ନବନିର୍ମିତ ବାସଗୃହକୁ ଉଦ୍‌ଘାଟନ କରିବା ସହିତ ଅଶୋକ ବିହାର ଅଞ୍ଚଳରେ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ଚାବି ହସ୍ତାନ୍ତର କରିବେ । ଦିଲ୍ଲୀ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଇନ୍-ସିଟୁ ବସ୍ତି ଥଇଥାନ ପ୍ରକଳ୍ପର ଏହି ନବନିର୍ମିତ ଗୃହ ଗୁଡ଼ିକ ହେଉଛି ଦ୍ୱିତୀୟ ସଫଳ ପଦକ୍ଷେପ । ଜେ.ଜେ. କ୍ଲଷ୍ଟରବାସୀନ୍ଦାଙ୍କୁ ଉପଯୁକ୍ତ ସୁବିଧା ସହିତ ଉନ୍ନତ ତଥା ସୁସ୍ଥ ଜୀବନଯାପନ ପରିବେଶ ପ୍ରଦାନ କରିବା ଲକ୍ଷ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି ।

ନୌରୋଜି ନଗର ଠାରେ ପ୍ରଧାନମନ୍ତ୍ରୀ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଏବଂ ସରୋଜିନୀ ନଗରରେ ଜେନେରାଲ୍ ପୁଲ୍ ଆବାସିକ ଆବାସ ଟାଇପ୍-୨ କ୍ୱାଟର୍ସ ଭଳି ଦୁଇଟି ସହରାଞ୍ଚଳ ପୁନଃନିର୍ମାଣ ପ୍ରକଳ୍ପର ପ୍ରଧାନମନ୍ତ୍ରୀ ଉଦ୍‌ଘାଟନୀ କରିବେ । ବିଶ୍ୱବାଣିଜ୍ୟ କେନ୍ଦ୍ରର ୬୦୦ରୁ ଅଧିକ ଜରାଜୀର୍ଣ୍ଣ

ଗୃହ ବଦଳରେ ଅତ୍ୟାଧୁନିକ ବାଣିଜ୍ୟିକ ଟାୱାର୍ ନିର୍ମାଣ ମାଧ୍ୟମରେ ଏହି କ୍ୱାଟର୍ସ୍ ଗୁଡ଼ିକ ନିର୍ମାଣ କରାଯାଇଛି । ଏଥିରେ ୨ହଜାର ୫୦୦ରୁ ଅଧିକ ଆବାସିକ ଗୃହ ରହିଛି । ପ୍ରଧାନମନ୍ତ୍ରୀ ଦ୍ୱାରକା ଠାରେ ପ୍ରାୟ ୩୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡର୍ ସମନ୍ୱିତ କାର୍ଯ୍ୟାଳୟ ପରିସରକୁ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି ।

ସେହିଭଳି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ୬୦୦ କୋଟିରୁ ଅଧିକ ବ୍ୟୟ ଅଟକଳରେ ତିନୋଟି ନୂତନ ପ୍ରକଳ୍ପର ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିବେ । ନଜଫଗଡ଼ର ରୋସନପୁରା ଠାରେ ବୀର ସାବରକର କଲେଜ୍‌ର ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

## ସ୍ୱରାଷ୍ଟ୍ର ମନ୍ତ୍ରଣାଳ-ଜେଲ୍ ମାନୁଆଲ୍

କଏଦୀଙ୍କ ଜାତିଭିତ୍ତିକ ଭେଦଭାବ ପ୍ରସଙ୍ଗର ସମାଧାନ ଲକ୍ଷ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆଦର୍ଶ ଜେଲ୍ ମାନୁଆଲ୍ ୨୦୧୬ ଏବଂ ଆଦର୍ଶ ଜେଲ୍ ଓ ସଂଶୋଧନ ସେବା ଅଧିନୀୟମ ୨୦୨୩ରେ ଆବଶ୍ୟକ ପରିବର୍ତ୍ତନ କରିଛି । ସୁପ୍ରିମ୍‌କୋର୍ଟଙ୍କ ରାୟ ଭିତ୍ତିରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ସଂଶୋଧିତ ନିୟମାବଳୀ ଅନୁଯାୟି ଜେଲ୍ କର୍ତ୍ତୃପକ୍ଷ ଏଣିକି ଜାତିଭିତ୍ତିକ ଭେଦଭାବ, ବର୍ଗିକରଣ ଏବଂ ପୃଥକୀକରଣକୁ କଡ଼ାକଡ଼ି

ଭାବେ ନିଷେଧ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ଅଭ୍ୟାସଗତ ଅପରାଧିର ପ୍ରଚଳିତ ସଂଜ୍ଞାକୁ ମଧ୍ୟ ବଦଳା ଯାଇଛି ।

ସୂଚନା ଯୋଗ୍ୟ ସୁପ୍ରିମ୍‌କୋର୍ଟ ଗତ ଅକ୍ଟୋବର ମାସରେ କେନ୍ଦ୍ର ସରକାର ଏବଂ ରାଜ୍ୟ ଗୁଡ଼ିକୁ ଜେଲ୍‌ରେ ଜାତିଭିତ୍ତିକ ଭେଦଭାବ ଦୂର କରିବା ଲକ୍ଷ୍ୟରେ ଜେଲ୍ ମାନୁଆଲ୍ ଏବଂ ନିୟମରେ ଆବଶ୍ୟକ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ପିଏମ୍-ପଦ୍ମନାଭବନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଶ୍ରୀ ମନ୍ନାଥୁ ପଦ୍ମନାଭନଙ୍କୁ ତାଙ୍କ ଜୟନ୍ତୀ ପାଳନ ଅବସରରେ ସ୍ମରଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ସମାଜରେ ଉନ୍ନତି, ମହିଳା ସଶକ୍ତିକରଣ ଏବଂ ମାନବିକ ଦୁଃଖ ଦୂର କରିବା ପାଇଁ ନିରନ୍ତର ପ୍ରୟାସ କରୁଥିବା ଜଣେ ପ୍ରକୃତ ଦୂରଦର୍ଶୀ ମଣିଷ ଭାବେ ଶ୍ରୀ ପଦ୍ମନାଭନଙ୍କର ପ୍ରଶଂସା କରିଛନ୍ତି । ଶିକ୍ଷା ଏବଂ ଶିକ୍ଷଣ ଉପରେ ସେ ଗୁରୁତ୍ୱ ପ୍ରଦାନ କରୁଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ଓଡ଼ିଶା ଗଭର୍ଣ୍ଣର

ଓଡ଼ିଶାର ରାଜ୍ୟପାଳ ଭାବେ ଡକ୍ଟର ହରିବାବୁ କମ୍ଭମ୍ପତି ଆସନ୍ତାକାଲି ଶପଥଗ୍ରହଣ କରିବେ । ଭୁବନେଶ୍ୱର ବିମାନ ବନ୍ଦର ଠାରେ ଆଜି ଡକ୍ଟର କମ୍ଭମ୍ପତି ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ତାଙ୍କୁ ସ୍ୱାଗତ କରିବା ସହ ଗାର୍ଡ଼ ଅଫ୍ ଅନର ପ୍ରଦାନ କରାଯାଇଥିଲା । ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତି ପରିଡ଼ା ଏବଂ ମନ୍ତ୍ରିମଣ୍ଡଳର ଅନ୍ୟ କେତେକ ସଦସ୍ୟ ବିମାନ ବନ୍ଦର ଠାରେ ଉପସ୍ଥିତ ଥିଲେ । ଏହାପରେ ଡକ୍ଟର କମ୍ଭମ୍ପତି ପୁରୀ ଗସ୍ତରେ ଯାଇ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି । ଆସନ୍ତାକାଲି ପୂର୍ବାହ୍ନ ୧୦ଟା ୧୫ ମିନିଟ୍‌ରେ ଭୁବନେଶ୍ୱର ରାଜଭବନର ନ୍ୟୁ ଅଭିଶେକ ହଲ୍‌ରେ ସ୍ୱତନ୍ତ୍ର ସମାରୋହରେ ଡକ୍ଟର କମ୍ଭମ୍ପତି ରାଜ୍ୟପାଳ ଭାବେ ପଦ ଓ ଗୋପନୀୟତାର ଶପଥଗ୍ରହଣ କରିବେ । ଓଡ଼ିଶା ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହ ଡକ୍ଟର କମ୍ଭମ୍ପତିଙ୍କୁ ଶପଥପାଠ କରାଇବେ ।

ପୂର୍ବରୁ ଡକ୍ଟର କମ୍ଭମ୍ପତି ମିଜୋରାମର ରାଜ୍ୟପାଳ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ମିଜୋରାମ୍‌ର ରାଜଧାନୀ ଆଇଜଲ୍ ଠାରୁ ୩୦ କିଲୋମିଟର ଦୂର ଲେଙ୍ଗପୁଇ ବିମାନ ବନ୍ଦରରେ ଡକ୍ଟର

କମ୍ଭମପତିଙ୍କୁ ଆନୁଷ୍ଠାନିକ ବିଦାୟ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ଲାଲ ଦୁହୋମା ଏହି ବିଦାୟ ସମାରୋହରେ ଅଧ୍ୟକ୍ଷତା କରିଥିଲେ । ଡକ୍ଟର କମ୍ଭମପତି ୨୦୨୧ ଜୁଲାଇ ୨୧ ତାରିଖରେ ମିଜୋରାମର ୨୨ତମ ରାଜ୍ୟପାଳ ଭାବେ ଶପଥ ଗ୍ରହଣ କରିଥିଲେ । ତିନି ବର୍ଷ ୫ ମାସରୁ ଅଧିକ ସମୟ ମିଜୋରାମର ରାଜ୍ୟପାଳ ଭାବେ ସେ କାର୍ଯ୍ୟ କରିଛନ୍ତି । ବିଦାୟ ସମାରୋହରେ ମିଜୋରାମରେ ରାଜ୍ୟ ବିଧାନସଭା କାର୍ଯ୍ୟର ଗଠନମୂଳକ ବାତାବରଣ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନକୁ ଉଚ୍ଚ ପ୍ରଶଂସା କରିଥିଲେ ।

ସୂଚନା ଯୋଗ୍ୟ ଅବସରପ୍ରାପ୍ତ ଜେନେରାଲ୍ ବିଜୟ କୁମାର ସିଂହ ମିଜୋରାମର ୨୩ତମ ରାଜ୍ୟପାଳ ଭାବେ ନିଯୁକ୍ତ ହୋଇଛନ୍ତି । ଆସନ୍ତା ୯ ତାରିଖରେ ସେ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

# ସ୍ପୋର୍ଟସ୍ ଆୱାର୍ଡସ୍

ଜାତୀୟ କ୍ରୀଡ଼ା ପୁରସ୍କାର ଆଜି ଘୋଷଣା କରାଯାଇଛି ।  ବିଭିନ୍ନ କ୍ରୀଡ଼ାରେ ଉତ୍କର୍ଷ ପ୍ରତିପାଦନ କରିଥିବା ୪ ଜଣ ଖେଳାଳି ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଏବଂ ୩୨ ଜଣ କ୍ରୀଡ଼ାବିତ୍ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ବିଶ୍ୱ ଚେସ୍ ଚାମ୍ପିୟନ୍ ଡି.

ଗୁକେଶ, ପ୍ୟାରିସ୍ ଅଲିମ୍ପିକ୍ସର ଦୁଇଟି ପଦକ ବିଜେତା ମନୁ ଭାକର୍, ଭାରତୀୟ ହକି ଦଳର ଅଧିନାୟକ ହରମନ୍‌ପ୍ରୀତ ସିଂହ ଏବଂ ପ୍ୟାରିସ୍ ପାରା ଅଲିମ୍ପିକ୍ସର ସ୍ୱର୍ଣ୍ଣ ପଦକ ବିଜେତା ପ୍ରବୀଣ କୁମାର ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇବେ । ଅଭିଜ୍ଞ ଆଥଲେଟ୍ ସୁଚା ସିଂହ ଏବଂ ପାରା ସନ୍ତରଣକାରୀ ମୁରଲୀକାର୍ ପେଟରଙ୍କୁ ଜୀବନବ୍ୟାପି  ସାଧନା ପାଇଁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯିବ । ପାରାସୁଟିଂ କୋଚ୍, ସୁଭାଷ ରାଣା ଏବଂ ସୁଟିଂ ପ୍ରଶିକ୍ଷକ ଦୀପାଲି ଦେଶପାଣ୍ଡେ, ହକି ପ୍ରଶିକ୍ଷକ ସନ୍ଦୀପ ସାଙ୍ଗୱାନ୍, ବ୍ୟାଡ୍‌ମିଣ୍ଟନ୍ ପ୍ରଶିକ୍ଷକ ଏସ୍. ମୁରଲୀଧରନ୍ ଏବଂ ଫୁଟବଲ୍ କୋଚ୍ ଆର୍‌ମାଣ୍ଡୋ ଆଗ୍ନେଲୋ କୋଲାକୋଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯିବ । ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ସମାରୋହରେ ଆସନ୍ତା  ୧୭ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିବେ ।

## ରାଜନାଥ-ଡିଆରଡିଓ

ଦ୍ରୁତ ବିକଶିତ ବୈଷୟିକ ଇକୋ ସିଷ୍ଟମ ସହ ସମନ୍ୱୟ ରକ୍ଷା କରି ଆଗକୁ ବଢ଼ିବାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ  ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ – ଡି.ଆର୍.ଡି.ଓ.କୁ ଆହ୍ୱାନ ଦେଇଛନ୍ତି । ଡି.ଆର୍.ଡି.ଓ.ର ୬୬ତମ ପ୍ରତିଷ୍ଠା ଦିବସରେ ଉଦ୍‌ବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଗବେଷଣା ଏବଂ ବିକାଶ କ୍ଷେତ୍ରରେ ଷ୍ଟାର୍ଟଅପ୍

ଗୁଡ଼ିକୁ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତା ରହିଛି । ଭାରତୀୟ ପ୍ରତିରକ୍ଷା କ୍ଷେତ୍ରରେ ଅଭିନବ ଜ୍ଞାନକୌଶଳ ପ୍ରୟୋଗରେ ଏହା ସୁଯୋଗ ପ୍ରଦାନ କରିବ ବୋଲି ମନ୍ତ୍ରୀ ଶ୍ରୀ ସିଂହ ଆଶାବ୍ୟକ୍ତ କରିଛନ୍ତି । ସଶସ୍ତ୍ର ବାହିନୀକୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ସଜ୍ଜିତ କରି ସ୍ୱଦେଶୀ ସାମର୍ଥ୍ୟକୁ ବିକଶିତ କରିଥିବାରୁ ମନ୍ତ୍ରୀ ଶ୍ରୀ ସିଂହ ଡି.ଆର୍.ଡି.ଓ.ର ଉଚ୍ଚ ପ୍ରଶଂସା କରିଛନ୍ତି ।

## ଅମିତ ଶାହା–ବୁକ୍ ରିଲିଜ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନୂଆଦିଲ୍ଲୀ ଠାରେ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜାମ୍ମୁ କାଶ୍ମୀର ଓ ଲଦାଖ 'ଥ୍ରୁ ଦି ଏଜ୍' ଶୀର୍ଷକ ପୁସ୍ତକର ଉନ୍ମୋଚନ କରିଛନ୍ତି । ୩ ହଜାର ବର୍ଷର ଐତିହାସିକ ତଥ୍ୟ ସମ୍ବଳିତ ଏହି ପୁସ୍ତକରେ ୭ଟି ବିଭାଗ ରହିଛି । 'ନ୍ୟାସନାଲ୍ ବୁକ୍ ଟ୍ରଷ୍ଟ ଇଣ୍ଡିଆ ଏବଂ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ହିଷ୍ଟୋରିକାଲ୍ ରିସର୍ଚ୍ଚ'ର ମିଳିତ ଉଦ୍ୟମରେ ହିନ୍ଦୀ ଓ ଇଂରାଜୀ ଭାଷାରେ ଏହି ପୁସ୍ତକ ପ୍ରକାଶିତ ହୋଇଛି । ଶ୍ରୀ ଶାହା କହିଛନ୍ତି, ପୁସ୍ତକରେ ସମସ୍ତ ବିଷୟକୁ ବିସ୍ତୃତ ଭାବେ ଉପସ୍ଥାପନା କରାଯାଇଛି । ପୁରୁଣା ମନ୍ଦିର ଗୁଡ଼ିକର ଭଗ୍ନାବଶେଷରେ ଥିବା କଳାକୃତି ପ୍ରମାଣ କରୁଛି ଯେ କାଶ୍ମୀର ଭାରତ ଏକ ଅଂଶ । ନେପାଳରୁ ଆଫ୍‌ଗାନିସ୍ତାନକୁ ଯାଇଥିବା ବୌଦ୍ଧ ଯାତ୍ରାର ଏକ ସମନ୍ୱିତ ଅଂଶ ହେଉଛି କାଶ୍ମୀର ବୋଲି ଶ୍ରୀ ଶାହା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ ।

# ଜବ୍ କ୍ରିଏସନ୍

ଦେଶରେ ଗତ ୧୦ ବର୍ଷ ମଧ୍ୟରେ ନିଯୁକ୍ତି କ୍ଷେତ୍ରରେ ୩୬ ପ୍ରତିଶତ ଅବିବୃଦ୍ଧି ଘଟିଛି । ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ସମୟସୀମା ମଧ୍ୟରେ ୧୭ କୋଟିରୁ ଅଧିକ ଅତିରିକ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଗତ ବର୍ଷକ ମଧ୍ୟରେ ଦେଶରେ ପାଖାପାଖି ୪ କୋଟି ୬୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିଲା । ୨୦୦୪ରୁ ୧୪ ମଧ୍ୟରେ ନିଯୁକ୍ତି କ୍ଷେତ୍ରରେ ୭ ପ୍ରତିଶତ ଅଭିବୃଦ୍ଧି ଘଟିଥିବା ବେଳେ ୨୦୧୪ରୁ ୨୪ ମଧ୍ୟରେ ଏହା ୩୬ ପ୍ରତିଶତକୁ ବୃଦ୍ଧି ପାଇଛି । କୃଷି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ୧୯ ପ୍ରତିଶତ, ଉତ୍ପାଦନ କ୍ଷେତ୍ରରେ ୧୫ ପ୍ରତିଶତ ଏବଂ ସେବା କ୍ଷେତ୍ରରେ ୩୬ ପ୍ରତିଶତ ବୃଦ୍ଧି ପାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି । ବେକାରିହାର ମଧ୍ୟ ୨୦୨୩-୨୪ରେ ୩ ଦଶମିକ୍ ୨ ପ୍ରତିଶତକୁ ହ୍ରାସ ପାଇଛି । ଗତ ୭ ବର୍ଷ ମଧ୍ୟରେ ୧୮ରୁ ୨୮ ବର୍ଷ ଭିତରେ ୪ କୋଟି ୭୦ ଲକ୍ଷରୁ ଅଧିକ ଯୁବବର୍ଗ ଭବିଷ୍ୟନିଧି ପାଣ୍ଠିରେ ସାମିଲ ହୋଇଥିବା ମନ୍ତ୍ରଣାଳୟ କହିଛି ।

# କ୍ରିକେଟ୍

ବର୍ଡର ଗାଭାସ୍କର ଟ୍ରଫି କ୍ରିକେଟ୍ ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆସନ୍ତାକାଲି ସିଡ୍‌ନୀ ଠାରେ ଖେଳାଯିବ । ଏ ପର୍ଯ୍ୟନ୍ତ ଖେଳାଯାଇଥିବା ୪ଟି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୨-୧ରେ ଆଗୁଆ ରହିଛି । ପ୍ରଥମ ଟେଷ୍ଟ ମ୍ୟାଚ୍ ପର୍ଥରେ ଭାରତ ବିଜୟ ହାସଲ କରିଥିବା ବେଳେ ଗୋଲାପି ବଲ୍‌ରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଜିତି ଶୃଙ୍ଖଳାକୁ ୧-୧ ସମାନ ସ୍ତରକୁ ଆଣିଥିଲା । ବ୍ରିସ୍‌ବେନ୍‌ର ତୃତୀୟ ଟେଷ୍ଟ ବର୍ଷା ଯୋଗୁଁ ଅମିମାଂଶିତ ଭାବେ ଶେଷ ହୋଇଥିବା ବେଳେ ମେଲ୍‌ବୋର୍ଣ୍ଣ ଚତୁର୍ଥ ଟେଷ୍ଟକୁ ଜିତି ଅଷ୍ଟ୍ରେଲିଆ ସିରିଜ୍‌ରେ ଆଗୁଆ ରହିଛି ।

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଆଜି ସୁର୍‌ମା ହକି କ୍ଲବ୍ ଏବଂ ୟୁପି ରୁଦ୍ରାସ୍ ମଧ୍ୟରେ ମୁକାବିଲା ହେବ । ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ପୁରୁଷ ବର୍ଗର ଏହି ମ୍ୟାଚ୍ ରାତି ୮ଟା ୧୫ ମିନିଟ୍‌ରେ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍‌ରେ ବିଜୟୀ ହେଲେ ୟୁପି ରୁଦ୍ରାସ୍ ତାଲିକାର ଶୀର୍ଷ ସ୍ଥାନରେ ପହଞ୍ଚିବ । ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଗତକାଲି ସଂଧ୍ୟାରେ ଆୟୋଜିତ ମ୍ୟାଚ୍‌ରେ ବେଙ୍ଗଲ ଟାଇଗର୍ସ ୨-୧ ଗୋଲ୍‌ରେ ଟିମ୍ ଗୋନାସିକାକୁ ପରାସ୍ତ କରିଛି ।